## ସଂକ୍ଷେପରେ

### ଚନ୍ଦ୍ରୟାନ ସଫଳ ଅବତରଣ ପରେ ମୁନିଗୁଡ଼ାରେ ବିଜୟ ଉତ୍ସବ

ମୁନିଗୁଡ଼ା, ୨୪।୮ (ରାଧେଶ୍ୟାମ ଅଗ୍ରୱାଲ)

ଭାରତର ଚନ୍ଦ୍ରୟାନ- ୩ ଚନ୍ଦ୍ର ପୃଷ୍ଠରେ ସଫଳ ଅବତରଣ ପରେ ମୁନିଗୁଡ଼ାରେ ବିଜୟ ଉତ୍ସବ ପାଳନ କରାଯାଇଛି। ମୁନିଗୁଡ଼ା ପ୍ରେସ କ୍ଲବର ଖବରଦାତାମାନେ ପରସ୍ପରକୁ ଅଭିନନ୍ଦନ ଜଣାଇ ଖୁସି ବାଣ୍ଟିଥିଲେ। ପ୍ରେସ କ୍ଲବର ସଭାପତି ରାଜୀବ ଲୋଚନ ଦାସ ଏହି ଐତିହାସିକ ମୁହୂର୍ତ୍ତକୁ ମାନବ ଜାତି ପାଇଁ ଏକ ଅବିସ୍ମରଣୀୟ ସଫଳତା ବୋଲି କହିଥିଲେ। ସାମ୍ବାଦିକ ମନୋରଞ୍ଜନ ଦଳାଇ,ନନ୍ଦକିଶୋର ପଟ୍ଟନାୟକ,ଧନୁ କୁଶୁଲିଆ, ଲାଦୀ ଶଙ୍କର,ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ମୁନିଗୁଡ଼ା ବିକାଶ ପରିଷଦର ସଭାପତି ଘନଶ୍ୟାମ ମାର୍ଥାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ସମସ୍ତ ବୈଜ୍ଞାନିକ ଓ ଭାରତୀୟ ସ୍ପେସ ଏଜେନ୍ସିକୁ ଅଭିନନ୍ଦନ ଜଣାଇଥିଲେ।

### ଛାତ୍ରୀଛାତ୍ରଙ୍କ ପାଇଁ ଚନ୍ଦ୍ରୟାନ ସଫଳ ଅବତରଣର ସିଧା ପ୍ରସାରଣ

ଜେକେପୁର,୨୪।୮ (ନିଧି ଗଣ୍ଡେଚା)

ଜେକେ ପେପର ମିଲ୍ କମ୍ପାନୀ ସହଯୋଗରେ ଜେକେପୁରସ୍ଥିତ ଲକ୍ଷ୍ମୀପଥ ସିଂଘାନିଆ ପବ୍ଲିକ ସ୍କୁଲ ଓ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବୁଧବାର ଚନ୍ଦ୍ରୟାନ-୩ର ସଫଳ ଅବତରଣର ସିଧା ପ୍ରସାରଣ ଦେଖିବାକୁ ସୁଯୋଗ ପାଇଥିଲେ। ଜନ୍ଦ୍ରୟାନ ଅବତରଣ ସମୟରେ ଛାତ୍ରୀଛାତ୍ରମାନେ ହାତରେ ତ୍ରିରଙ୍ଗା ଧରି ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ । ଜେକେ ପେପର ମିଲର ମୁଖ୍ୟ ବିନୟ ଦ୍ୱିବେଦୀ ଇସ୍ରୋ ଓ ଦେଶର ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ, ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସଡ଼କ ସଚେତନତା କାର୍ଯ୍ୟକ୍ରମ

ଗୁଡ଼ାରି,୨୪।୮ (ପ୍ରମୋଦ କୁମାର ପତି)

ସ୍ଥାନୀୟ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରୁବାର କଲେଜ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସଡ଼କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଡ଼ାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଡ଼କ ସଚେତନତା ସମ୍ପର୍କରେ ଅଧିକ ଅବଗତ କରାଇଥିଲେ। ମୁଖ୍ୟତଃ ବାଇକ ଚାଳନା ସମୟରେ ହେଲ୍‌ମେଟ ପିନ୍ଧିବା, ୨ ଜଣରୁ ଅଧିକ ନ ବସିବା, ମଦ୍ୟପାନ କରି ଗାଡି ନ ଚଲେଇବା, ରାସ୍ତାର ବାମ ପାର୍ଶ୍ୱରେ ସର୍ବଦା ଗାଡି ଚଳାଚଳ କରିବା, କର୍କଶ ହର୍ନ ବ୍ୟବହାର ନ କରିବା, ରାତିରେ ଡିପର ଲାଇଟ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବା ବେଳେ ସିଟ୍‌ବେଲ୍ଟ ବ୍ୟବହାର, ଦ୍ରୁତଗତିରେ ଗାଡ଼ି ଚାଳନା ନ କରିବା,ବୈଧ ଡ୍ରାଇଭିଂ ଲାଇସେନ୍ସ ଧରି ଗାଡ଼ି ଚଳାଇବା ଇତ୍ୟାଦି ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ସଚେତନତା ବାର୍ତ୍ତା ନିଜ ପରିବାର ଓ ଗାଁରେ ମଧ୍ୟ ପ୍ରଚାର କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଥିଲେ। କଲେଜ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପ୍ରଧାନ ଉପସ୍ଥିତ ରହି ଏ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବା, ରାସ୍ତା, ପାନୀୟ ଜଳ ଉପରେ ଆଲୋଚନା

ରାୟଗଡା,୨୪।୮ (ଭାଗ୍ୟଶ୍ରୀ ମିଶ୍ର)

**ଜିଲା ପରିଷଦ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ ନେଇ ଅସନ୍ତୋଷ**

୭୭ତମ ରାୟଗଡ଼ା ଜିଲା ପରିଷଦ ବୈଠକ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାୟଗଡା ବ୍ଲକରେ ଥିବା ସ୍ୱାସ୍ଥ୍ୟସେବା, ରାସ୍ତା, ପାନୀୟ ଜଳ, ମୁଖତଃ ରାୟଗଡା-ଜେକେ ପୁରକୁ ସଂଯୋଗ ବ୍ରିଜ ନିକଟ ରାସ୍ତା ମରାମତି ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିବାବେଳେ କେବଳ ଫଟୋ ଉଠାଇ ବାହାରକୁ ଚାଲିଯିବାକୁ କୁହାଯାଇଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତାଷ ପ୍ରକାଶ ପାଇଛି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖବରଦାତାମାନଙ୍କୁ ଗ୍ରୁପ ଯୋଗେ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କହିଥିବା ବେଳେ ଗୁରୁବାର ବୈଠକରେ ଖବରଦାତାଙ୍କୁ ଜିଲାପାଳଙ୍କ ଭର୍ତ୍ସନାକୁ ନିନ୍ଦା କରାଯାଇଛି।ସରକାରଙ୍କର ସମସ୍ତ ତଥ୍ୟ କାଳେ ପଦାରେ ପଡ଼ିଯିବ, ତେଣୁ ଏଭଳି କରାଯାଇଥିବା ବୁଦ୍ଧିଜୀବୀ କହିଛନ୍ତି । ରାୟଗଡା ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲକା ଅଭିଯୋଗ କରିଛନ୍ତି ଯେ, ଜିଲା ପରିଷଦର କୌଣସି ଫଣ୍ଡ ବିଷୟରେ ଆମକୁ ଅବଗତ କରା ନ ଯାଇ ବିଡ଼ିଓ ଏବଂ ଜେଇମାନେ ଖର୍ଚ୍ଚ କରି ଦେଉଛନ୍ତି। କାମ ହେବା ପରେ ଆମେ ଜାଣିବାକୁ ପାଉଛୁ ବୋଲି ସେ କହିଛନ୍ତି। ବୈଠକରେ

ବୈଠକରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ଏମ୍‌ପିଙ୍କ ପ୍ରତିନିଧି ଦୁର୍ଗା ପ୍ରସାଦ ପଣ୍ଡା, ଜିଲାପାଳ ସ୍ୱାଧାଦେବ ସିଂ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପାଧ୍ୟକ୍ଷ ସନ୍ତୋଷ ସୁନା, ପରିଷଦର ସମସ୍ତ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଗ୍ରାମ୍ୟ ଯୋଗାଣ, ଜଳଛାୟା, ଉଦ୍ୟାନ ବିଭାଗ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ମଙ୍ଗଳ ବିଭାଗ ବିଦ୍ୟାଳୟ, ଗ୍ରାମୀୟ ନିର୍ମାଣ, ଶିଶୁ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ମଧ୍ୟମ ଜଳସେଚନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଟାଟା ପାୱାର(ବିଦ୍ୟୁତ), ପଞ୍ଚାୟତ ରାଜ ଓ ଜଳଯୋଗାଣ କାର୍ଯ୍ୟ ଉପରେ ଆଲୋଚନା କରାଯାଇଛି। ଜିଲାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ଓ ଖାଲିଥିବା ପଦବୀରେ ନିଯୁକ୍ତି, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ ଆଦି ଉପରେ ଉପସ୍ଥାପନା କରିଥିଲେ। ଏହି ଆଲୋଚନା ବେଳେ ରାୟଗଡା ରେ ଡାଇଲିସିସ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ ଦାବି କରିଥିଲେ। ଜିଲାର ରଘୁବାରୀ ଡ଼ିମିରିକୁଦା ଅଞ୍ଚଳକୁ ଆମ୍ବୁଲାନ୍ସ ଯାଉ ନ ଥିବାରୁ ସିଡିଏମଓ ଦୃଷ୍ଟି ଦେବାକୁ କହିଥିଲେ । ସେହିପରି ଜିଲାର ପ୍ରସୂତୀ ମାଆଙ୍କୁ ସ୍ୱାସ୍ଥ୍ୟ ସେବା ସଠିକ ଭାବରେ ଯୋଗାଇବା ନିମନ୍ତେ ଓ ଆବଶ୍ୟକ ଡାକ୍ତର ପଦବୀ ପୂରଣ କରିବାକୁ ସଦସ୍ୟମାନେ ଅନୁରୋଧ କରିଛନ୍ତି । ଗୁଣୁପୁରରେ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ ବିଶେଷଜ୍ଞ ନ ଥିବାରୁ ଉକ୍ତ ପଦବୀ ପୂରଣ ପାଇଁ ଗୁଣୁପୁର ବିଧାୟକ ଗମାଙ୍ଗ ଅନୁରୋଧ କରିଥିଲେ । ଆଣ୍ଟି ଭେନମ ଇଞ୍ଜେକ୍ସନ ପାଇଁ ସଚେତନ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା ମାଝି ଅନୁରୋଧ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗମନାଗମନ ପାଇଁ ରାସ୍ତାଘାଟ ନିର୍ମାଣ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ କୁହାଯାଇଛି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ଅଭିଯୋଗ ହୋଇଥିଲା। ଶିକ୍ଷକମାନେ ଦୂରଦୂରାନ୍ତ ଅଞ୍ଚଳରେ ନିୟମିତ ଭାବରେ ରହୁ ନ ଥିବାରୁ ଓ ଜଣେ ଜଣେ ଶିକ୍ଷକ ବହୁ ବର୍ଷଧରି ଗୋଟିଏ ବିଦ୍ୟାଳୟରେ ରହୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେଉଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ।

## ଶିକ୍ଷକଙ୍କ ତାଲିମ ଶିବିର କୌଶଳୀ, କ୍ରୀଡ଼ାଙ୍ଗନ ଆରମ୍ଭ



ବିଡିଓ ରତ୍ନମୟୀ ପୁରୋହିତ ଶିକ୍ଷକଙ୍କ ସହ ତାଲିମ ସମ୍ପର୍କରେ ଆଲୋଚନା କରୁଛନ୍ତି।

ଗୁଡ଼ାରି,୨୪।୮ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକ ଅନ୍ତର୍ଗତ କଦମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାରଠାରୁ ଶିକ୍ଷକମାନଙ୍କ ୩ ଦିବସୀୟ ତାଲିମ ଶିବିର 'କୌଶଳୀ' ଓ 'କ୍ରୀଡ଼ାଙ୍ଗନ' ଆରମ୍ଭ ହୋଇଛି। ଗୁଡ଼ାରି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ମୁଖ୍ୟତଃ ବ୍ଲକର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ଗଣିତ ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ଏହି ଶିବିରରେ 'କୌଶଳୀ' ଓ 'କ୍ରୀଡ଼ାଙ୍ଗନ' ତାଲିମ ପ୍ରଦାନ କରାଯାଉଛି। କୌଶଳୀ ତାଲିମ ପ୍ରଦାନ ପାଇଁ ତାଲିମଦାତା ଭାବେ ଶିକ୍ଷକ ରାମପ୍ରସାଦ ରଥ ଓ କଲ୍ୟାଣ ଚନ୍ଦ୍ର କର ତାଲିମ ପ୍ରଦାନ କରୁଥିବାବେଳେ କ୍ରୀଡ଼ାଙ୍ଗନ ପାଇଁ ଶିକ୍ଷକ ଚକ୍ରଧର ପାଣ୍ଡେ ଓ ନିହାର ରଞ୍ଜନ ମାଝି ତାଲିମ ପ୍ରଦାନ କରିଛନ୍ତି। ତାଲିମ ନେବା ପରେ ନିଜ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ଶିକ୍ଷାଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକୃଷ୍ଣ ଗମାଙ୍ଗ ଉପସ୍ଥିତ ଥିବା ବେଳେ ଉଭୟ ବର୍ଗର ୯ ଜଣ ଲେଖାଏଁ ମୋଟ ୧୮ ଜଣ ଶିକ୍ଷକ ଏହି ତାଲିମ ନେଉଛନ୍ତି।

## ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ପଦକ


ପଦକ ସହ କୃତୀ ଛାତ୍ରୀଛାତ୍ର।

କୋଲନରା,୨୪।୮ (ମାନସ ମିଶ୍ର)

**ଅନ୍ତର୍ଜାତୀୟ କଳା ପ୍ରତିଯୋଗିତା**

ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦଠାରେ ୟଙ୍ଗ ଏନଭୟସ ଇଣ୍ଟରନ୍ୟାସନାଲ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ କଳା ପ୍ରତିଯୋଗିତାରେ ରାୟଗଡା ଜବାହାର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ର ୨ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ଆଣି ବିଦ୍ୟାଳୟ ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ବିଦ୍ୟାଳୟର କଳା ଶିକ୍ଷକ ପ୍ରଭାକର ସାହୁ ଡିପ୍ଲୋମା ସମ୍ମାନ ପ୍ରାପ୍ତ କରିବା ସହ ତାଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ପାତ୍ର ଓ ସପ୍ତମ ଶ୍ରେଣୀର ବିନୟ ସାହୁ ସ୍ୱର୍ଣ୍ଣପଦକ ପାଇଥିଲେ । ଅଷ୍ଟମ ଶ୍ରେଣୀର ଭୂମିକା ମାଝୀ, କାବ୍ୟାଞ୍ଜଳି ଭଦ୍ରା, ତ୍ରିନାଥ ଭଞ୍ଜ ଓ ସପ୍ତମ ଶ୍ରେଣୀର ପି.କୁସୁମାଞ୍ଜଳି ରୌପ୍ୟ ପଦକ ଲାଭ କରିଛନ୍ତି। ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଦେଶର ବିଭିନ୍ନ ବିଦ୍ୟାଳୟ ସମେତ ଥେରୁବାଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ୧୪ଜଣ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ହଙ୍ଗେରୀ, ବୁଲଗେରିଆ, ଲୁଥୁଭିଆ, ଲୁଥୁନିଆ, ମେସିଡୋନିଆ, ସର୍ବିଆ, ଚୀନ, ରୋମାନିଆ, ସ୍ଲୋଭେନିଆ ଓ ହଂକଂ ଦେଶର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱକୁ ନେଇ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଜୟ ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳା ଶିକ୍ଷକ ପ୍ରଭାକର ସାହୁ, ସିସିଏ ଲଙ୍କନ ତାରକ ରାଓ, ଖେଳ ଶିକ୍ଷୟତ୍ରୀ ବନ୍ଦିତା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ନବବିବାହିତାଙ୍କ ଆତ୍ମହତ୍ୟା ଯୌତୁକ ନିର୍ଯାତନା ଅଭିଯୋଗ

ଗୁଣପୁର,୨୪।୮ (ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ କୁଲୁସିଂ ପଞ୍ଚାୟତର ଗୁନ୍ଥୁଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ନବବିବାହିତ ମହିଳା ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ବର୍ଷାରାଣୀ ମହାନ୍ତି (୨୦)। ଗରୁବାର ସକାଳେ ପୁଟାସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଅନ୍ୟପକ୍ଷେ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଇ ତାଙ୍କ ଝିଅ ବର୍ଷାଙ୍କୁ ମାରି ଟାଙ୍ଗି ଦେଇଥିବା ତାଙ୍କ ବାପା ମାଗୁଣି ମହାନ୍ତି ପୁଟାସିଂ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ଭବାନୀ ମଦୁଲିଙ୍କ କହିବା ଅନୁଯାୟୀ, ଗତ ୨ମାସ ତଳେ ଗଜପତି ଜିଲା ସେରଙ୍ଗ ଥାନା ଅଧୀନ ଗାଇବା ଗ୍ରାମର ବର୍ଷା ଓରଫ ଦେବକି ଗୁନ୍ଥୁଲି ଗ୍ରାମର ରଘୁନାଥ ପାତ୍ରଙ୍କୁ ବିବାହ କରିଥିଲେ। ଯୌତୁକକୁ ନେଇ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ଆଶାନ୍ତି ଲାଗି ରହିଥିଲା। ଶେଷରେ ବୁଧବାର ଭୋର ସମୟରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ବର୍ଷାଙ୍କ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମାଗୁଣିଙ୍କ ଅଭିଯୋଗକ୍ରମେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଯେଉଁମାନେ ଦୋଷୀ ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ମୁଦୁଲି ସୂଚନା ଦେଇଛନ୍ତି।

## ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରମାନେ ଶପଥପାଠ କରୁଛନ୍ତି ।

ରାୟଗଡ଼ା, ୨୪।୮ (ଭାଗ୍ୟ ଶ୍ରୀ ମିଶ୍ର)

ରାୟଗଡ଼ା ସଦରସ୍ଥିତ ସ୍ୱେଚ୍ଛାସେବୀ ଶକ୍ତି ଅନୁଷ୍ଠାନ ଏବଂ ଶିଶୁ ସୁରକ୍ଷା ସମିତି ତରଫରୁ ଗୁରୁବାର ଗୋବିନ୍ଦ ଚନ୍ଦ୍ର ଦେବ ଜିଲା ଉଚ୍ଚ ବିଦ୍ୟାଳୟରେଠାରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତି ଅନୁଷ୍ଠାନ ଓ ଶିଶୁ ସୁରକ୍ଷା ସମିତି ର କର୍ମୀ ସାଇନା ସାରକା ଓ ଜଗନ୍ନାଥ ଖୋସଲା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନେଇ ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ସୁରକ୍ଷା, ଶିଶୁ ଚାଲାଣ ପାଇଁ ଥିବା ସୁରକ୍ଷା ଓ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପରୋକ୍ତ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରି ସୁରକ୍ଷା ପାଇଁ ଆବଶ୍ୟକ ଆଇନ ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିବାବେଳେ ଶିକ୍ଷକ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତ କର୍ମଚାରୀ ମାନଙ୍କ ସହାୟତାରେ ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ ।

## ବନ୍ୟା ପାଣିରେ ଭାସି ମହିଳା ଶ୍ରମିକ ମୃତ

ଟିକିରି, ୨୪।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକର କୁଡ଼ିଙ୍ଗଗୁଡ଼ା ଗାଁ ନିକଟସ୍ଥ ନଦୀ ପଠାରୁ ବାଲି ଉଠାଉଥିବା ବେଳେ ହଠାତ ନଦୀ ପାଣି ମାଡି ଆସିବାରୁ ୨ ମହିଳା ଶ୍ରମିକ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଜଣେ ଶ୍ରମିକଙ୍କୁ ନଦୀରୁ ଉଦ୍ଧାର କରିଥିବାବେଳେ ଅନ୍ୟ ଜଣଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ଜଣକ ହେଲେ ମଞ୍ଜୁଳା ମାଝି। ଟିକିରି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, କୁଡ଼ିଙ୍ଗଗୁଡ଼ା ଗାଁ ନିକଟସ୍ଥ ନଦୀପଠାରୁ ୪ ଜଣ ମହିଳା ଶ୍ରମିକ ବାଲି ଉଠାଉଥିବା ବେଳେ ପ୍ରବଳ ବର୍ଷା ଯୋଗୁ ନଦୀରେ ପାହାଡିଆ ପାଣି ପଶି ହଠାତ ବନ୍ୟା ଆସିବା ଯୋଗୁ ୨ ଶ୍ରମିକ ମଞ୍ଜୁଳା ମାଝି ଓ ସୁକାଇ ମାଝି ଭାସି ଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ଶ୍ରମିକମାନେ ଶୁକାଇଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ, କିନ୍ତୁ ଆଉ ଜଣେ ମଞ୍ଜୁଳା ମାଝି ନିଖୋଜ ହୋଇଯାଇଥିଲେ। ଖବରପାଇ ଟିକିରିସ୍ଥିତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଶ୍ରମିକ ମଞ୍ଜୁଳା ମାଝିଙ୍କ ମରଶରୀର ଉଦ୍ଧାର କରିଥିଲେ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ହଳଦିଆ ରଙ୍ଗ ଦିବସ


ପିଲାମାନେ ହଳଦିଆ ରଙ୍ଗ ପୋଷାରେ ସଜ୍ଜିତ ହୋଇଛନ୍ତି ।

ଗୁଣପୁର,୨୪।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଗୁରୁବାର ହଳଦିଆ ରଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଶୁଭାରମ୍ଭ କରିଥିଲେ। ସିଟି କ୍ୟାମ୍ପସର କୁନି କୁନି ଛାତ୍ରୀଛାତ୍ର ହଳଦିଆ ପୋଷାକରେ ନିଜକୁ ସୁସଜ୍ଜିତ କରି ବିଭିନ୍ନ ପ୍ରକାର କଳା, ସଂସ୍କୃତି ଓ ବିଜ୍ଞାନରେ ପର୍ଯ୍ୟବେଶିତ ପ୍ରକଳ୍ପରେ ଭାଗ ନେଇଥିଲେ। ପିଲାମାନେ କେବଳ ହଳଦିଆ ପୋଷାକ ପିନ୍ଧି ନ ଥିଲେ ବରଂ ତାଙ୍କ ସହିତ ବିଭିନ୍ନ ହଳଦିଆ ଜିନିଷ ସବୁ ଆଣିଥିଲେ । ସେମାନେ ବିଭିନ୍ନ ପୁଷ୍ପ ଯେପରିକି ସୂର୍ଯ୍ୟମୁଖୀ, ଗେଣ୍ଡୁ, ଚମ୍ପା ଫୁଲ ଏବଂ ଉଦିତ ସୂର୍ଯ୍ୟ ବେଶରେ ସଜ୍ଜିତ ହୋଇଥିଲେ । ହଳଦୀ ରଙ୍ଗର ପାଚିଲା ଅମୃତ ଭଣ୍ଡା, କଦଳୀ ଓ ଆମ୍ବ କେତେ ପ୍ରକାର ଫଳ ଧରି ଆସିଥିଲେ। ଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ହଳଦିଆ ବସ୍ତୁ ପ୍ରଦର୍ଶିତ ହୋଇଥିଲା। ଏଥିସହିତ ସାଦିଷ୍ଟ ହଳଦିଆ ଖାଦ୍ୟ ଆଣିଥିଲେ। ବିଭିନ୍ନ ପ୍ରକାର ଆକର୍ଷଣୀୟ ହଳଦିଆ ଖେଳନାରେ ସମସ୍ତ ଶ୍ରେଣୀଗୃହରେ ଏକ ଉଦ୍ୟାନ ମଧ୍ୟ ସ୍ଥାପନ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଭାଗ ନେଇଥିଲେ। ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡା ସମସ୍ତ ଛାତ୍ରଛାତ୍ରୀଙ୍କୁ ହଳଦିଆ ଦିବସର ଶୁଭେଚ୍ଛା ଜଣାଇଛନ୍ତି।

# ଜଣେ ଲେଖାଏ ଶିକ୍ଷକରେ ଚାଲିଛି ପାଠପଢ଼ା

ବିଷମ କଟକ, ୨୪।୮ (ବିଭୂତି ଭୂଷଣ ନାୟକ)

**ବିଷମକଟକ ବ୍ଲକ୍‌ରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା**

ରାୟଗଡ଼ା ଜିଲା ବିଷମ କଟକ ବ୍ଲକରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ଅନେକ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକରେ ଚାଲିଛି ପାଠପଢ଼ା। ବ୍ଲକ୍‌ର ଜମ୍ବୁଗୁଡ଼ା, ଚାଞ୍ଚଡ଼ା ମୁଣ୍ଡି, କାକରା ମାସ୍କ, ମାଲିଗିରି ପୁରୁ ଓ ନୂଆଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ଯାଏଁ ୫ଟି ଶ୍ରେଣୀର ପିଲାଙ୍କୁ ମାତ୍ର ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ବିଷମ କଟକ ଶିକ୍ଷକ ସଂଘ ଅଭିଯୋଗ କରିଛି। କିନ୍ତୁ ଅନେକ ସ୍କୁଲରେ ପିଲା ସଂଖ୍ୟା କମ୍ ଥାଇ ମଧ୍ୟ ସେଠାରେ ୨ରୁ ଅଧିକ ଶିକ୍ଷକ ରହିଛନ୍ତି। ଯେଉଁବିଦ୍ୟାଳୟରେ ଶିକ୍ଷକ ଦରକାର ସେହି ସ୍କୁଲରେ ଶିକ୍ଷକ ନିଯୁକ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଶିକ୍ଷକ ସଂଘ ପକ୍ଷରୁ ବାରମ୍ବାର ମଧ୍ୟ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି।

ଅନ୍ୟପଟେ ଶିକ୍ଷକମାନେ ବଡ ବଡ ଅଫିସରଙ୍କୁ ହାତଗୁଞ୍ଜା ଦେଇ ନିଜ ସୁବିଧା ମୁତାବକ ସ୍କୁଲକୁ ଡେପୁଟେଶନରେ ଯାଉଛନ୍ତି। ଫଳରେ ଯେଉଁ ସ୍କୁଲରେ ଶିକ୍ଷକ ଆବଶ୍ୟକ ସେହି ସ୍କୁଲରେ ଶିକ୍ଷକ ଅଭାବ ଦେଖାଦେଉଛି। ଏ ନେଇ ସଂଘର ଅଧିକାରୀ ଶିବ ପ୍ରସାଦ ପାଢ଼ୀ, ଅନନ୍ତ କୁମାର ପଟ୍ଟନାୟକ, ରମାକାନ୍ତ ବର୍ଦ୍ଦଲେଇ, ଶରତ କୁମାର ଆଚାର୍ଯ୍ୟ, ସାଗର ପାତ୍ର, ସୁଧାଂଶୁ ବେହେରା ଓ ଅନେକ ସଦସ୍ୟ ବୁଧବାର ବିଷମକଟକ ବ୍ଲକ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖରା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ କୁମାର ପାଣିଙ୍କୁ ଭେଟି ଏହି ସମସ୍ୟାର ସମାଧାନ ଓ ସମସ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି ନେଇ ଆଲୋଚନା କରିଥିଲେ। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ସମାଧାନ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଖରା କହିଥିଲେ।

# ଅନ୍‌ଲାଇନ ମାର୍କେଟିଂ ଯୋଗୁ ରାଖୀ ବ୍ୟବସାୟ ମାନ୍ଦା

ରାୟଗଡା,୨୪।୮ (ଭାଗ୍ୟଶ୍ରୀ ମିଶ୍ର)

ଆଉ ମାତ୍ର ୫ ଦିନ ପରେ ରକ୍ଷାବନ୍ଧନ। ଯାହାକୁ ନେଇ ଛକ, ବଜାର ସବୁଠି ଖୋଲିଗଲାଣି ରାଖୀ ଦୋକାନ। ଚଳିତ ବର୍ଷ ରାକ୍ଷୀ ବ୍ୟବସାୟ ମାନ୍ଦା ଥିବା ରାୟଗଡ଼ା ସହରର କିଛି ବ୍ୟବସାୟୀ କହିଛନ୍ତି । ଅନଲାଇନ ବ୍ୟବସାୟକୁ ଲୋକେ ଅଧିକ ପସନ୍ଦ କରୁଥିବାରୁ ରାକ୍ଷୀ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁନି ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ଘରେ ବସି ନିଜ ମନ ମୁତାବକ ରାକ୍ଷୀ ଦୂର ଦୂରାନ୍ତକୁ ପଠାଇବା ସୁବିଧା ଥିବାରୁ ଲୋକେ ଅନଲାଇନରେ ରାଖୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଅନଲାଇନରେ ବିଭିନ୍ନ କମ୍ପାନୀଗୁଡିକ ଚକୋଲେଟ, ମିଠା ସହ ରାଖୀ ପଠାଇବାର ବ୍ୟବସ୍ଥା ଥିବାରୁ ଲୋକେ ଆଉ ଦୋକାନକୁ ଯାଇ ରାଖୀ କିଣିବାକୁ ପସନ୍ଦ କରୁ ନ ଥିବା ରାମା ଟକିଜର ଜଣେ ଗ୍ରାହକ ନେହା ମିଶ୍ର କହିଛନ୍ତି। ଅନ୍‌ଲାଇନରେ ଭଳିକି ଭଳି ରାଖୀ ମିଳିବା ସହ ଅର୍ଡର କଲେ ସିଧା ଦେଇଥିବା ଠିକଣାରେ ପହଞ୍ଚୁଛି। ତେଣୁ ଦୋକାନରୁ ରାଖୀ କିଣି ପୁଣି ପୋଷ୍ଟ ଅଫିସ ଯାଇ ପଠାଇବା ଝିନ୍‌ଝଟରୁ ମୁକ୍ତି ପାଇଁ ଅଧିକାଂଶ ଝିଅ ଅନ୍‌ଲାଇନରେ ରାଖୀ କିଣିବାକୁ ପସନ୍ଦ କରୁଥିବା ସେ କହିଛନ୍ତି ।

ରାୟଗଡ଼ା ସହରର ବ୍ୟବସାୟୀମାନେ ଚଳିତ ବର୍ଷ କୋଲକାତା, ରାୟପୁର ଏବଂ ଦିଲ୍ଲୀ ସହ ଅନ୍ୟ ରାଜ୍ୟରୁ ଭିନ୍ନ ଭିନ୍ନ ଡିଜାଇନର ରାଖୀ ଆଣିଛନ୍ତି । ହେଲେ ଲଗାତର ବର୍ଷା ଏବଂ ଅନ୍‌ଲାଇନ ବ୍ୟବସାୟ ଯୋଗୁ ବ୍ୟବସାୟ ମାନ୍ଦା ଥିବା କହିଛନ୍ତି ରାୟଗଡା ମୁଖ୍ୟ ବଜାର ଆର୍‌କେ ଷ୍ଟୋରର ବ୍ୟବସାୟୀ ସଞ୍ଜୟ କୁମାର । ଗତ ବର୍ଷ ଏହି ସମୟରେ ଦୋକାନରେ ପ୍ରବଳ ଭିଡ଼ ଥିଲା। କିନ୍ତୁ ଏବେ ଦୋକାନ ପୂରା ଜନଶୂନ୍ୟ। ଆର୍‌କେ ଷ୍ଟୋର ଦୋକାନ ମାଲିକ କହିଛନ୍ତି, ଆମ ନିକଟରେ ୨୫ ପଇସାରୁ ଆରମ୍ଭ କରି ୧୨୦୦ ଟଙ୍କା ପର୍ଯ୍ୟନ୍ତ ରାଖୀ ବିକ୍ରି କରାଯାଉଛି । ବୟସ ହିସାବରେ ରାଖୀ ରହିଥିବା ସେ କହିଛନ୍ତି। ତେବେ ଆଗକୁ ଆଉ ୫ ଦିନ ରହିଛି, ବ୍ୟବସାୟୀ ହେବା ନେଇ ଆଶା ଥିବା ବ୍ୟବସାୟୀମାନେ କହିଛନ୍ତି ।


ରାୟଗଡ଼ା ମୁଖ୍ୟ ବଜାରରେ ଥିବା ରାଖୀ ଦୋକାନ।

# ରାୟଗଡ଼ା ଡିଏଫ୍‌ଓଙ୍କ ନାଁରେ ପୂର୍ବରୁ ଥିଲା ଦୁର୍ନୀତି ଅଭିଯୋଗ

ରାୟଗଡ଼ା,୨୪।୮ (ଆଶିଷ ରଞ୍ଜନ ପଣ୍ଡା)

**ବନୀକରଣ ନାଁରେ ୩ କୋଟି ହଡ଼ପ ନେଇ ଲୋକାୟୁକ୍ତରେ ହୋଇଥିଲା ମାମଲା**

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ ବିଜୟ କୁମାର ପରିଡ଼ାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି। ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ରାୟଗଡ଼ା ବାସଭବନ ସମେତ ୭ଟି ସ୍ଥାନରେ ଚଢ଼ାଉ କରିଛି। ତେବେ ଡିଏଫଓ ପରିଡ଼ାଙ୍କ ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ଦୁର୍ନୀତି ଅଭିଯୋଗ ରହିଛି। ବିଶେଷ କରି ଆର୍ଥିକ ଅନିୟମିତା ଓ ସରକାରୀ ଟଙ୍କା ହଡପ ନେଇ ଏକ ସ୍ୱେଚ୍ଛାସେବୀ ସଂଗଠନ ଟିଡ଼ିପି ଆସୋସିଏଟ ପକ୍ଷରୁ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲା। ସୂଚନା ଅଧିକାର ଆଇନ ବଳରେ ୨୦୨୨ ଫେବୃୟାରୀରେ ମିଳିଥିବା ଏକ ତଥ୍ୟକୁ ଅନଧ୍ୟାନ ପରେ ଟିଡିପି ଆସୋସିଏଟ ଲୋକାୟୁକ୍ତରେ ମାମଲା ରୁଜୁ କରିଥିଲା। ମିଳିଥିବା ତଥ୍ୟ ଆଧାରରେ ଦୁର୍ନୀତି ଓ ଟଙ୍କା ହଡ଼ପକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମୁଖ୍ୟତଃ ମୁନିଗୁଡା ରେଞ୍ଜ ଜାମଖୋଡି ଗ୍ରାମ ନିକଟରେ ଲଣ୍ଡା ପାହାଡ ବନୀକରଣ ନାଁରେ ୩ କୋଟି ୭୯ ଲକ୍ଷ ୮୨ ହଜାର ୧୩୬ ଟଙ୍କା ଖର୍ଚ୍ଚ ବନ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ତେବେ ସେଠାରେ କୌଣସି ଅର୍ଥ ଖର୍ଚ୍ଚ ନକରି ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା । ଏହି ଅଭିଯୋଗ ମିଳିବା ପରେ ଭୁବନେଶ୍ୱରସ୍ଥିତ ପିସିସିଏଫ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଲୋକାୟୁକ୍ତରେ ମାମଲା ରୁଜୁ କରାଯାଇଥିଲା। ଯାହାର ପ୍ରଥମ ଶୁଣାଣି ଶେଷ ହୋଇଯାଇଥିବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଣାପଡ଼ିଛି । ଏପରିକି ବେନାମୀ ଶ୍ରମିକଙ୍କ ନାମରେ ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ ଡିଏଫଓ ପରିଡ଼ାଙ୍କ ନାମରେ ରହିଛି । ତେବେ ଏହି ଦୁର୍ନୀତି ପେଡ଼ିରେ ଡିଏଫଓଙ୍କ ସମେତ ଜିଲାରେ କାର୍ଯ୍ୟରତ ରେଞ୍ଜରମାନେ ମଧ୍ୟ ସାମିଲ ରହିଥିବା ଅଭିଯୋଗ ହୋଇଛି । ବନ ବିଭାଗ ଅଧିକାରୀଙ୍କ ଘରେ ଏହି ଚଢ଼ାଉ ବିଭାଗର ଅନ୍ୟ ଅଧିକାରୀଙ୍କ ଚିନ୍ତା ବଢ଼ାଇ ଦେଇଥିବା ଜଣାପଡ଼ିଛି । ଏହି ବିଷୟରେ ଟିଡିପି ଆସୋସିଏଟ ଅଧ୍ୟକ୍ଷ ବାଦଲ ତାଙ୍କୁ ପଚାରିବାରୁ ମୁନିଗୁଡ଼ା ଲଣ୍ଡା ପାହାଡ଼ରେ ବନୀକରଣ ନାମରେ ରାୟଗଡ଼ା ଡିଏଫଓ ବିଜୟ କୁମାର ପରିଡ଼ା ଓ ତତ୍କାଳିନ ରେଞ୍ଜରଙ୍କ ସମ୍ପୃକ୍ତି ରହିଥିବା କହିଥିଲେ। ଏ ନେଇ ବନ ବିଭାଗ ନିଜସ୍ୱ ଆଭ୍ୟନ୍ତରୀଣ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିବା ପରେ ଦାୟିତ୍ୱରେ ରହିଥିବା ଜଣେ ଏସିଏଫ ତଦନ୍ତ କରି ୨୭ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ରାୟଗଡ଼ା ବନଖଣ୍ଡ ଅଧୀନରେ ଚାଲିଥିବା ବିଭିନ୍ନ ଦୁର୍ନୀତି ନେଇ ଟିଡିପି ଆସୋସିଏଟ ପକ୍ଷରୁ ସିବିଆଇ, ଭିଜିଲାନ୍ସ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବହୁ ପୂର୍ବରୁ ଅଭିଯୋଗ କରାଯାଇଥିଲା । ବର୍ତ୍ତମାନ ଭିଜିଲାନ୍ସ ବିଭାଗର ଏହି ଚଢ଼ାଉରେ ଜିଲାରେ କାର୍ଯ୍ୟରତ ଅନ୍ୟ ରେଞ୍ଜରମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ବହୁ ଦୁର୍ନୀତି ଓ ଟଙ୍କା ହଡ଼ପ ଘଟଣା ସାମ୍ନାକୁ ଆସିପାରିବ ବୋଲି ବାଦଲ ତା କହିଛନ୍ତି ।



**ଜୈବିକ ଶ୍ରୀକୃଷକ ଉତ୍ପାଦକ କମ୍ପାନୀ ପୁରସ୍କୃତ**

କୋରାପୁଟ,(ଅମିତାଭ ବେହେରା)- ଗୁରୁବାର ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି)ର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀକୁ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁରସ୍କୃତ କରିଛନ୍ତି। କୁଳପତ ପ୍ରଭାତ ରାଉଳ, ଉପକୁଳପତି ସର୍ଜିତପାଲ ମହାପାତ୍ର ଓ ଉଦ୍ୟାନ ବିଭାଗର ରୋହିତ ଲେଙ୍କା ଓ ଲୋପାମୁଦ୍ରା ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚନ୍ଦ୍ରଯାନର ସଫଳତାକୁ ନେଇ ସେବା ଭାରତୀର ଚାରା ରୋପଣ

କୋରାପୁଟ,୨୪।୮ (ଅମିତାଭ ବେହେରା)

ଇସ୍ରୋର ବୈଜ୍ଞାନିକମାନଙ୍କ ଅବିଶ୍ରାନ୍ତ ଉଦ୍ୟମ ଯୋଗୁ ଚନ୍ଦ୍ରୟାନ-୩ ସଫଳତା ପୂର୍ବକ ଚନ୍ଦ୍ରପୃଷ୍ଠରେ ଅବତରଣକରି ବୁଧବାର ଭାରତ ପାଇଁ ଇତିହାସ ରଚିଛି। ଏଥିରେ ପ୍ରଭାବିତ ହୋଇ ଗୁରୁବାର କୋରାପୁଟର ସେବା ଭାରତୀ ଅନୁଷ୍ଠାନ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ମାଳିସାହିସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। । ୬୦ଟି ଅଁଳା, କରଞ୍ଜ, ବେଲ, ଚମ୍ପା, ଅଶୋକ, ଅର୍ଜୁନ ଚାରା କର୍ମକର୍ତ୍ତାମାନେ ରୋପଣ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କୋରାପୁଟ ବନ ଅଧିକାରୀ ରୋହିତ କୁମାର, ସମ୍ମାନିତ ଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସେବା ପ୍ରମୁଖ ଦୁଷ୍ମନ୍ତ ପରିଡା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଆର୍.ଲୋକେଶ୍ୱର ରାଓ,ରାଜକୁମାର ଦାସ, ଅରୁଣ ସାହୁ, ଏନ୍. ରମେଶ, ଏମ୍.ରବି, କେ.ରବି କୁମାର, ଦେବରାଜ ସୋନେଜା, ମାଣିକାଣ୍ଟା ଆଚାରୀ, ରାମକୃଷ୍ଣ ଚୌଧୁରୀଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

### ବିଦ୍ୟାଳୟ ପରିସର ଗଛ ଭାଙ୍ଗିଲା



ଜୟପୁର, ୨୪।୮ (ପବନ ପାଣିଗ୍ରାହୀ)- ପାଇଲସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛ ଗୁରୁବାର ଭାଙ୍ଗିପଡିଛି। ତେବେ ସୌଭାଗ୍ୟବଶତଃ ଗଛଟି ଶ୍ରେଣୀଗୃହ ଉପରେ ନ ପଡି ରାସ୍ତା ପାଶ୍ୱରେ ଥିବା ଏକ ଘର ଉପରେ ପଡ଼ିଥିଲା। ଏହି ସମୟରେ ରାସ୍ତା ଉପରେ ଥିବା ଏକ କାର୍ ନଷ୍ଟ ହୋଇଯାଇଛି। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗଛକୁ କାଟି ବାହାର କରିଥିଲେ । ପରେ ବିଦ୍ୟାଳୟ ଛୁଟି ହୋଇଥିଲା। ଛାତ୍ରୀଛାତ୍ର ମାନେ ଘରକୁ ଫେରିଥିଲେ ।

### ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣକଲେ ବିଧାୟକ

ଜୟପୁର, ୨୪।୮ (ପବନ ପାଣିଗ୍ରାହୀ)

ବିକାଶମୂଳକ କାର୍ଯ୍ୟର ଗୁରୁବାର ଲୋକାର୍ପଣ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଜୟପୁର ବ୍ଲକର ବାଲିଆ, ରଣ୍ଡାପାଲ୍ଲି, ଆମ୍ବାଗୁଡା, କେବିଡି, ରାଣୀଗଡ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ସେ ଲୋକାର୍ପଣ କରିଥିଲେ। ବାଲିଆ ପଞ୍ଚାୟତର ବଡ ଓଜେଇ ଗ୍ରାମରେ ସାଇବର ସେଣ୍ଟର, ଗୋଷ୍ଠୀକେନ୍ଦ୍ର, ନଳକୂପ ଖନନ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଆମ୍ବାଗୁଡାରେ କଲ୍ୟାଣମଣ୍ଡପ, ବୈରାଗିମଠ ଓ ରଣ୍ଡାପାଲ୍ଲିରେ ହେଲଥ ସେଣ୍ଟର, ରାଣୀଗଡରେ ମାର୍କେଟ କମ୍ପେକ୍ସ, ପଞ୍ଚାୟତ ଅଫିସ, ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ବୋରିଗୁଟରେ ଅତିରିକ୍ତ ଶ୍ରେଣୀଗୃହ ଆଦିର ବିଧାୟକ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସହକାରୀ ଯନ୍ତ୍ରୀ ରଞ୍ଜିକାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ନ ମିଳିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକରେ ତାଲା

ପଟ୍ଟାଙ୍ଗି,୨୪।୮ (ଶରତ ଧଳ)



ଡାକ୍ତରଖାନା ଫାଟକରେ ତାଲା ପକାଇ ଜନ ପ୍ରତିନିଧିମାନେ ପ୍ରତିବାଦ କରୁଛନ୍ତି ।

ଅଜଣା ଗାଡ଼ିରେ ଧକ୍କାରେ ଜଣେ ବାଇକ୍ ଆରୋହୀ କୋଟିଆ ପଞ୍ଚାୟତ ଉପର ଗଞ୍ଜେଇ ପଦର ଗ୍ରାମର ବିଶ୍ୱନାଥ ଗେମେଲଙ୍କ ବୁଧବାର ମୃତ୍ୟୁ ହୋଇଥିଲା। ପରିବାର ଓ ଗ୍ରାମବାସୀ ଏହି ଖବର ଜାଣିବା ପରେ ମୃତଦେହ ରାସ୍ତା ଉପରେ ରଖି ଅଜଣା ଗାଡି ଚିହ୍ନଟ ନ ହେବାଯାଏ ଆମେ ମୃତଦେହ ନେବୁ ନାହିଁ ବୋଲି ଅଡି ବସିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ଦୁର୍ଘଟଣା ଘଟାଇଥିବା ଗାଡି ଚିହ୍ନଟ ହୋଇଛି ବୋଲି କହିବା ପରେ ସେମାନେ ମୃତଦେହ ବ୍ୟବଚ୍ଛେଦ ଲାଗି ନେବାକୁ ରାଜି ହୋଇଥିଲେ। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ନେବାକୁ ଗୁରୁବାର ଆମ୍ବୁଲାନ୍ସ ନ ମିଳିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାପା ଉତେଜନା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସର ଡ୍ରାଇଭର ନାହାନ୍ତି। କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଡି ଆଣି ମୃତଦେହ ନେବାକୁ ଡାକ୍ତର ଭାଗବତ ମୁର୍ମୁ ଗ୍ରାମବାସୀଙ୍କୁ କହିଥିଲେ। ଏହାକୁ ନେଇ ଅସନ୍ତୁଷ୍ଟ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଥିଲେ।

ଖବରରୁ ଜଣାପଡ଼ିଛି, ଅଜଣା ଗାଡି ଧକ୍କାରେ ଗେମେଲଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ଘଟଣା ସ୍ଥଳରେ ପଟ୍ଟାଙ୍ଗି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ରାତି ହୋଇଯାଇଥିବାରୁ ଆଉ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା । ଗୁରୁବାର ଏସଆଇ ପ୍ରଦିପ୍ତ ମହାପାତ୍ରଙ୍କ ଉପସ୍ଥିତରେ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଗେମେଲଙ୍କ ବ୍ୟବଚ୍ଛେଦ କରିଥିଲେ। ମାତ୍ର ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଗ୍ରାମକୁ ମତଦେହ ନେବାକୁ ଆମ୍ବୁଲାନ୍ସ ମିଳି ନ ଥିଲା। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ମୁଖ୍ୟ ଫାଟକରେ ତାଲା ପକାଇ ପରିବାର ଲୋକେ ମୃତଦେହକୁ ନିଜର ସମ୍ପର୍କୀୟ ତଥା ଆନ୍ଧ୍ରର ପୂର୍ବତନ ସରପଞ୍ଚ ବିଶୁ ଗେମେଲଙ୍କ ବାଇକ୍‌ରେ ଉପର ଗଞ୍ଜେଇପଦର ଗ୍ରାମକୁ ନେଇଯାଇଥିଲେ। ଅନ୍ୟପକ୍ଷରେ ଏହି ସମସ୍ୟା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ୧ନଂ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ୨ ନଂ. ଜିଲା ପରିଷଦ ସଭ୍ୟ ଲଇଚନ ଖରା, ବ୍ଲକ କଂଗ୍ରେସ ସଭାପତି ଅର୍ଜୁନ ବାଙ୍କା, ବିଜେଡି ବ୍ଲକ ସଭାପତି ବିଶ୍ୱନାଥ ପଡାଲ, ଏମ୍‌ପି ପ୍ରତିନିଧି ଶୁକ୍ର ଖରା , ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି , ନୁଆଁଗା ସରପଞ୍ଚ ସୁବାଷ ଖରା, କୋଟିଆ ସରପଞ୍ଚ ଲିଚ୍ଛୁ ଗେମେଲ, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, କନ୍ଧ ଉନ୍ନୟନ ସମାଜ ବ୍ଲକ ସଭାପତି ସୁନିଲ ଖରା, ସେମିଳିଗୁଡା ଜିଲା ପରିଷଦ ସଭ୍ୟ ମୋହନ ଜାନି , ସାମାଜିକ କର୍ମୀ ଶାମ୍ବ ପାଙ୍ଗି, ଯୁବ କଂଗ୍ରେସ ସଭାପତି ଜଗଦୀଶ ବାଗ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରର ଅସହଯୋଗର ପ୍ରତିବାଦ କରିଥିଲେ । ଖବର ପାଇ ବିଡ଼ିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଓ ଥାନାଧିକାରୀ ଚତୁର୍ଭୁଜ ନାୟକ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଡାକ୍ତର ଭାଗବତ ମୁର୍ମୁଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଜନ ପ୍ରତିନିଧିମାନେ ଯେ ପର୍ଯ୍ୟନ୍ତ ଡାକ୍ତର ମୁର୍ମୁ ଭୁଲ ମାଗିବେ ନାହିଁ ମୁଖ୍ୟ ଫାଟକରୁ ତାଲା ଖୋଲିବୁ ନାହିଁ ବୋଲି ଅଡି ବସିଥିଲେ । ଶେଷରେ ବ୍ଲକ ପ୍ରଶାସନର ବୁଝାଶୁଝା ପରେ ଡାକ୍ତର ମୁର୍ମୁ ଭୁଲ ମାଗିଥିଲେ । ଏହା

ପରେ ମୁଖ୍ୟଫାଟକରୁ ତାଲା ଖୋଲିଥିଲା। ପରେ ବ୍ଲକ ପ୍ରଶାସନ ଏବଂ ପୋଲିସ ଉପର ଗଞ୍ଜେଇପଦର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିବା ଜଣାପଡିଛି। ରେଡକ୍ରସରୁ ବିଡିଓ ଓ ତହସିଲଦାର ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗେଲାଗୁଡା ଗ୍ରାମ ନିକଟରେ ଘଟିଥିବା ଏହି ଦୁର୍ଘଟଣା ସ୍ଥାନଟି କୁନ୍ଦୁଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଯାଉଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପାଇଁ ସୁବିଧା ନ ଥିବାରୁ ପୋଲିସ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିଲା।

# ମୁକ୍ତା ଯୋଜନାରେ ମିଶନ ଶକ୍ତିକୁ କାର୍ଯ୍ୟାଦେଶ ପ୍ରଦାନ



ଏମ୍‌ପି ରମେଶ ମାଝି ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ନବରଙ୍ଗପୁର,୨୪।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରପାଳିକା ତରଫରୁ ୫୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୁକ୍ତା ଯୋଜନା ୨୦୨୩-୨୪ରେ ୫୧ଟି ବିଭିନ୍ନ ପ୍ରକଳ୍ପ ପାଇଁ ୪.୫୬ କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏମପି ରମେଶ ଚନ୍ଦ୍ର ମାଝି ମହିଳାମାନଙ୍କୁ ଏହି କାର୍ଯ୍ୟଦେଶ ପ୍ରଦାନ କରିଥିଲେ। ଏହାଦ୍ୱାରା ମିଶନ ଶକ୍ତି ମା'ମାନଙ୍କର ଆର୍ଥିକ ସମ୍ବଳ ଉନ୍ନତି ସହିତ ନବରଙ୍ଗପୁର ସହରର ସୌନ୍ଦର୍ଯ୍ୟକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ନବରଙ୍ଗପୁର ପୌରପାଳିକା ପରିସରରେ ଅନୁଷ୍ଠିତ ଏହ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର, ସମସ୍ତ କାଉନସିଲର, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ସିଏମଏମ ରାମଶଙ୍କର ଦାସ, ପ୍ରକଳ୍ପ ସଂଯୋଜକ ପ୍ରଣତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୁକ୍ତା କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ପାଢି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସେହିପରି ନବରଙ୍ଗପୁର ପୌରପାଳିକା ଦ୍ୱାରା ସହରର ବର୍ଷା ଜଳ ଓ ଡ୍ରେନର ସୂଚାରୁ ରୂପେ କାର୍ଯ୍ୟକ୍ଷମ ଓ ପରିଚାଳନା ନିମନ୍ତେ ୧ କୋଟି ଟଙ୍କାର ପ୍ରକଳ୍ପ ଟେଣ୍ଡର ହୋଇ କୋଲକାତାର ରେଡିଏଏଣ୍ଟ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏହା ଦ୍ୱାରା ନବରଙ୍ଗପୁର ସହର ର ସମସ୍ତ ନାଳ ପାଣି, ବର୍ଷାଜଳକୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ସମଗ୍ର ପୌରାଞ୍ଚଳ ତଥା ଆଖପାଖ ଗ୍ରାମାଞ୍ଚଳର ଅଧିବାସୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ସରକାର ଦାବିପୂରଣ ନ କଲେ ଆନ୍ଦୋଳନ

### ଯୋଗାଣ ସହାୟକ ପକ୍ଷରୁ ଦାବିପତ୍ର

ନବରଙ୍ଗପୁର,୨୪।୮ (ସଦାଶିବ ପ୍ରହରାଜ)



ଯୋଗାଣ ସହାୟକମାନେ ଦାବିପତ୍ର ଦେଉଛନ୍ତି ।

ରାଜ୍ୟ ଯୋଗାଣ ସହାୟକ ଜିଲା ସଂଘ ପକ୍ଷରୁ ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପିଡ଼ିଏସ ବିତରଣ କାର୍ଯ୍ୟରେ ହିତାଧାରୀଙ୍କୁ ଠିକ ସମୟରେ ସାମଗ୍ରୀ ଯୋଗାଇବା ଓ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୨୦୧୨ ଏପ୍ରିଲ ୨୧ରେ ସମସ୍ତ ଜିଲାରେ ଯୋଗାଣ ସହାୟକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୨୦୧୩ରେ ଜିଲାପାଳଙ୍କ ଅନୁମୋଦନକ୍ରମେ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଯୋଗାଣ ସହାୟକ ନିଯୁକ୍ତିପାଇ ପଞ୍ଚାୟତରେ ପିଡ଼ିଏସ ସାମଗ୍ରୀ ଯୋଗାଣ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଚାଉଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିପାରୁ ନ ଥିବାରୁ ଘରକୁ ଘର ଯାଇ ଯୋଗାଣ ସହାୟକମାନେ ସେମାନଙ୍କୁ ପିଡ଼ିଏସ ସାମଗ୍ରୀ ଦେଇଆସୁଛନ୍ତି । ଗ୍ରାମ ପଞ୍ଚାୟତରେ ବିଭିନ୍ନ ସରକାରୀ କାର୍ଯ୍ୟ ମଧ୍ୟ ସେମାନ ସମ୍ପାଦନ କରୁଛନ୍ତି । ୨୦୧୩ରୁ ଗ୍ରାମ ପଞ୍ଚାୟତ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ନାତକ ଡିଗ୍ରୀଧାରୀଙ୍କୁ ଯୋଗାଣ ସହାୟକ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଥିଲେ ସୁଦ୍ଧା ଏଯାଏ ସେମାନଙ୍କୁ ସ୍ୱଳ୍ପ ବେତନ ମିଳୁଛି । ଏ ବାବଦରେ ସରକାରଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ସରକାର ଯୋଗାଣ ସହାୟକଙ୍କ ପାଇଁ କିଛି ପଦକ୍ଷେପ ନେଉ ନାହାନ୍ତି ବୋଲି ଯୋଗାଣ ସହାୟକମାନେ ପ୍ରକାଶ କରିଛନ୍ତି । ଯୋଗାଣ ସହାୟକଙ୍କ ଚାକିରିର ସ୍ଥାୟିତ୍ୱ ଓ ମାସିକ ଦରମା ୨୫ହଜାରକୁ ବୃଦ୍ଧି ସହ ଲାଇସେନ୍ସ ଦେବା, କାର୍ଯ୍ୟରତ ଯୋଗାଣ ସହାୟକଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ଓ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବା, ସେମାନଙ୍କୁ ପଞ୍ଚାୟତିରାଜ ବିଭାଗରୁ ଯୋଗାଣ ବିଭାଗ ଅଧୀନକୁ ଆଣିବା, ତାଙ୍କ ପଦବୀକୁ ଆସିଷ୍ଟାଣ୍ଟ ସପ୍ଲାଇ ଇନ୍ସପେକ୍ଟର ନାମରେ ନାମିତ କରିବା, ମାସିକ ଆବଣ୍ଟନରେ ୨ ପ୍ରତିଶତ ନିଅଣ୍ଟକୁ ଭରଣା କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ସେମାନଙ୍କ ଦାବିଗୁଡିକୁ ସରକାର ୨/୩ ଦିନ ମଧ୍ୟରେ ପୂରଣ ନ କଲେ ରାଜ୍ୟ ଯୋଗାଣ ସହାୟକ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ସଂଘ ପକ୍ଷରୁ ବୋଲି କୁହାଯାଇଛି।

# ଆମ ପୋଲିସ ସମିତି ବୈଠକ

ଜୟପୁର, ୨୪।୮ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଏସ୍‌ଡିପିଓ ହରିଶ ବିଶି, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ସହ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଟ୍ରାଫିକ ସମସ୍ୟା, ପାଟ୍ରୋଲିଂକୁ କଡା କଡି କରିବା, ସାଇବର କ୍ରାଇମ, ଚୋରା ମଦ କାରବାର ରୋକିବା, ନାବାଳକଙ୍କ ବାଇକ୍ ଚଳାଚଳ ଉପରେ ରୋକ ଲଗାଇବା, ସାଇବର କ୍ରାଇମ, ଚୋରି, ଲୁଟ ପରି ଅପରାଧ ନିୟନ୍ତ୍ରଣ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଅଜଣା ଲୋକଙ୍କ କଲ୍ ଆସିଲେ ତାଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ନମ୍ବର ନ ଦେବା, ଓଟିପି ନମ୍ବର କାହାକୁ ନ ଦେବା, ପୋସ୍କୋ ଆଇନ, ବାଲ୍ୟବିବାହ ରୋକିବା ଲାଗ ବୈଠକରେ ସଚେତନତା କରାଯାଇଥିଲା। ଏଥିସହ ବାଇକ ଚଲାଇବା ସମୟରେ ହେଲ୍‌ମେଟ ବ୍ୟବହାର କରିବା, ଘରଭଡା ଦେବା ବେଳେ ରହିବା ଲୋକଙ୍କ ସମ୍ପର୍କରେ ସୂଚନାମୂଳକ କାଗଜପତ୍ର ପୋଲିସକୁ ଦେବାକୁ କୁହାଯାଇଥିଲା।

# ସପ୍ତାହେ ଭିତରେ ଅଭିଯୁକ୍ତ ଗିରଫ ନ ହେଲେ ଜୟପୁର ବନ୍ଦ: ତାରା



ବିଧାୟକ ତାରାପ୍ରସାଦ ବାହିନୀପତି ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଫାଇନାନ୍ସ ଟଙ୍କା କିସ୍ତି ନ ବାନ୍ଧିବାରୁ ଯୁବକଙ୍କୁ ହତ୍ୟା ମାମଲା
- ସମର୍ଥକଙ୍କ ସହ ଟାଉନ ଥାନା ଘେରିଲେ
- ସପ୍ତାହେ ସମୟ ନେଲେ ଥାନା ଅଧିକାରୀ
- ବିଜେଡିର ଜଣେ ବରିଷ୍ଠ ନେତାଙ୍କ ପୁଅ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନି

ଜୟପୁର, ୨୪।୮ (ପବନ ପାଣିଗ୍ରାହୀ)

ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଅଭିଯୋଗ କରି ଜୟପୁର ଟାଉନ ଥାନାକୁ ଗୁରୁବାର ବିଧାୟକ ତାରାପ୍ରସାଦ ବାହିନୀପତି ଘେରାଉ କରିଥିଲେ। ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏଥିରେ ସାମିଲ ହୋଇଥିଲେ। ଫାଇନାନ୍ସ ବାବଦ କିସ୍ତି ଟଙ୍କା ନ ବାନ୍ଧିବାରୁ ଜୟପୁର ଭେଟେରିନାରି କଲୋନିର ବିପିନ ବାହାଦୁରଙ୍କୁ ହତ୍ୟା କରାଯାଇଥିଲା। ଗତ ୧୨ରେ ବିପିନ ଡ୍ୟୁଟିକୁ ଯାଉଥିବା ବେଳେ ପାୱାର ହାଉସ ମହାଦେବ ଷ୍ଟକ୍‌ୟାର୍ଡ ନିକଟରେ ଅଭିଯୁକ୍ତ ପ୍ରତ୍ୟୁଷ ଦାସ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୪ରେ ବିପିନଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବିପିନଙ୍କ ଭାଇ ଯକ୍ଷ ବାହାଦୁର ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଅଭିଯୁକ୍ତ ପ୍ରତ୍ୟୁଷ ବିଜେଡିର ଜଣେ ବରିଷ୍ଠ ନେତାଙ୍କ ପୁଅ ହୋଇଥିବାରୁ ପୋଲିସ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛି ବୋଲି ବିଧାୟକ ବାହିନୀପତି ଅଭିଯୋଗ କରିଛନ୍ତି । ଏନେଇ ବାହିନୀପତିଙ୍କ ସହ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଆଲୋଚନାକରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସବୁ ଉଦ୍ୟମ ଚାଲିଛି। ତାଙ୍କୁ ଗିରଫ କରିବାକୁ ପାତ୍ର ୭ ଦିନ ସମୟ ମାଗିଛନ୍ତି । ଅନ୍ୟପକ୍ଷରେ ଯଦି ୭ ଦିନ ଭିତରେ ଅଭିଯୁକ୍ତ ଗିରଫ ନ ହୁଅନ୍ତି ତା'ହେଲେ ଜୟପୁର ବନ୍ଦ କରାଯିବ ବୋଲି ବାହିନୀପତି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଭେଟେରିନେରି କଲୋନିର ବିପିନ ଏକ ଆଲ୍‌ଟୋ କାର ଟାଟା ଫାଇନାନ୍ସରୁ ଫାଇନାନ୍ସରେ ଆଣିଥିଲେ। କାର୍ ଆଣିବା ପରଠାରୁ ସେ କିସ୍ତି ବାନ୍ଧି ଆସୁଥିଲେ ମଧ୍ୟ କୌଣସି କାରଣରୁ ୨ଟି କିସ୍ତି ବାନ୍ଧିପାରି ନ ଥିଲେ। ଏହାକୁ ନେଇ କମ୍ପାନୀର ଏଜେଣ୍ଟ ପ୍ରତ୍ୟୁଷଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରତ୍ୟୁଷ ବିପିନଙ୍କୁ ଛୁରିରେ ଆକ୍ରମଣ କରିଥିଲେ।

# ଶ୍ରମିକ ସଙ୍ଗଠନ ନିର୍ବାଚନ ନେଇ ୩ ଦଳ ମଧ୍ୟରେ ଅଙ୍କକଷା

ସୁନାବେଡ଼ା, ୨୪।୮ (କୃତ୍ତିବାସ ପ୍ରଧାନ)

ଶ୍ରମିକ ସଂଘ ନିର୍ବାଚନ ଲାଗି ସୁନାବେଡ଼ା ହାଲ୍ ଟାଉନଶିପ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସେଥିପାଇଁ ବିଭିନ୍ନ ଦଳ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ୩ଟି ସଙ୍ଗଠନ ନିର୍ବାଚନ ମଇଦାନକୁ ଓହ୍ଲାଇବେ। ଏଚ୍‌ଏଇଏ,ଏଚ୍‌ଏଏମ୍‌ଏସ୍ ଓ ବିଏଇୟୁ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏବେ ଏହି ୩ଟି ସଙ୍ଗଠନ ବିଜୟ ଲକ୍ଷ୍ୟରେ କର୍ମଚାରୀଙ୍କୁ ଆକର୍ଷିତ କରିବାକୁ ଲାଗି ପଡିଛନ୍ତି। ନିଜ ନିଜର ନିର୍ବାଚନୀ ପ୍ରତିଶ୍ରୁତି ଓ କାର୍ଯ୍ୟ ସମ୍ପର୍କରେ କର୍ମଚାରୀଙ୍କୁ ଅବଗତ କରିବାକୁ ଗୁରୁବାରଠାରୁ ୨୬ ତାରିଖ ୩ ଦିନ ଯାଏ କାରଖାନାର ଦୁଇଟି ମୁଖ୍ୟ ଗେଟ୍ ସମ୍ମୁଖରେ ବୈଠକ ବ୍ୟବସ୍ଥା କରାଯାଇଛି। କର୍ମଚାରୀଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ଏହା ସେମାନଙ୍କ ପାଇଁ ଏକ ସୁଯୋଗ ହୋଇଥିବାରୁ ଏହାକୁ କେହି ହାତଛଡା କରିବାକୁ ଚାହୁଁ ନ ଥିବା ଲକ୍ଷ୍ୟ କରାଯାଉଛି। ୨୯ ତାରିଖ ମତଦାନ ଲାଗି ଧାର୍ଯ୍ୟ କରାଯାଇଛି। ଏହି ଦିନ ସକାଳ ସାଢେ ୭ଟାଠାରୁ ଭୋଟ ଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ। ସୁଖୋଇ ମେନ୍ ଗେଟ୍ ନିକଟରେ ଦୁଇଟି ଓ ଇଞ୍ଜିନ ବିଭାଗ ଆଡମିନ୍ଷ୍ଟ୍ରେଟିଭ ବିଲ୍ଡିଂ ନିକଟରେ ଦୁଇଟି ବୁଥ୍‌ରେ ଏପରି ୪ଟି ବୁଥ୍‌ରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି ତିନୋଟି ସଙ୍ଗଠନର ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିଦିନ ସନ୍ଧ୍ୟା ୬ଟାରୁ ଅଫିସର୍ସ କ୍ୟାଣ୍ଟିନଠାରେ ଗଣତି କରାଯିବା ନେଇ ହାଲ୍ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଛନ୍ତି। ଅନ୍ୟପକ୍ଷରେ କେତେଜଣ କର୍ମଚାରୀ ରହିଥିବା ବିଭିନ୍ନ ସମସ୍ୟା ପ୍ରତି ବିଜୟୀ ହେବା ପରେ ଶ୍ରମିକ ସଙ୍ଗଠନଗୁଡିକ ଦଅଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି।

# ତହସିଲଦାରଙ୍କ ବିରୋଧରେ ଅଭିଯୋଗର ତଦନ୍ତକଲେ ଉପଜିଲାପାଳ

ନନ୍ଦପୁର, ୨୪।୮ (ଶଙ୍କର ପୂଜାରୀ)

କୋରାପୁଟ ଉପଜିଲାପାଳ ବେଣୁଧର ଶବର ଗୁରୁବାର ନନ୍ଦପୁର ବ୍ଲକ ଗସ୍ତରେ ଆସି ସୀମାନ୍ତ ପାଟ୍ଟଲୁଙ୍ଗ ପଞ୍ଚାୟତ ଓ ନନ୍ଦପୁର ଥାନା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ତହସିଲଦାର ନରସିଂହ ଗାଦବାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରିଛନ୍ତି। ପାଟ୍ଟଲୁଙ୍ଗ ସରପଞ୍ଚ ଓ ସମିତିସଭ୍ୟ ତହସିଲଦାରଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଗତ ୧୩।୭।୨୩ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପତ୍ରଲେଖି ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଥିଲା। ଫଳରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଟି.ମାଝି ଏନେଇ କୋରାପୁଟ ଜିଲାପାଳଙ୍କୁ ପତ୍ରସଂଖ୍ୟା ୨୮୫୫୦, ତା୮।୮।୨୩ରେ ତଦନ୍ତକରି ଏହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଶବର, ସହକାରୀ ଉପ ଜିଲାପାଳ ଭଗବାନ ନାୟକ ପାଟ୍ଟଲୁଙ୍ଗ ପଞ୍ଚାୟତ ଗସ୍ତକରି ସରପଞ୍ଚ ପୂଜା ଖିଲ, ସମିତିସଭ୍ୟ ସାବିତ୍ରୀ ଖେମୁଣ୍ଡୁ, ୱାର୍ଡ ସଭ୍ୟାସଭ୍ୟ, ଜିପିଇଓ ବେଦାନ୍ତ ମାଝି ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ତହସିଲଦାରଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରିଥିଲେ। ଏହାର ରିପୋର୍ଟ ସେ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି ଶବର କହିଛନ୍ତି। ତଦନ୍ତ ପରେ ଉପଜିଲାପାଳ ଶବର ଓ ସହକାରୀ ଉପଜିଲାପାଳ ନାୟକ ନନ୍ଦପୁର ଥାନା ପରିଦର୍ଶନ କରିଥିଲେ। ଏଠାରେ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଥାନାଧିକାରୀ ଆଶ୍ରିତା ଖାଲକୋ, ତହସିଲଦାର ଗାଦବା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ମହିଳାମାନଙ୍କ କୌଣସି ଏତଲା ପରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ମହିଳା ଡାକ୍ତର ନ ଥିବାରୁ ଅସୁବିଧା ହେଉଥିବା ଜାଣି ଏ ସମ୍ପର୍କରେ ସେ ଜିଲା ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ନନ୍ଦପୁର ପୋଲିସ କର୍ମଚାରୀ ଓ ଥାନାରେ ନିଯୁକ୍ତ ଆଇଆର୍‌ବିଏନ୍ ସୁରକ୍ଷା କର୍ମଚାରୀଙ୍କ ସହ ଉପଜିଲାପାଳ ଆଲୋଚନା କରିଥିଲେ। ଉପଜିଲାପାଳଙ୍କ ପରିଦର୍ଶନ ସମୟରେ ଏସ୍‌ଆଇ ବେଦବର ସାହୁ, ଏସଆଇ ଦୀପ୍ତିମୟୀ ଧାରୁଆ, ଏଏସ୍‌ଆଇ ଆର୍‌ଏନ୍ ଭୋକ୍ତା, ଲୋକେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ନନ୍ଦପୁର ଥାନାରେ ଉପ ଜିଲାପାଳ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

# ପଦୁଗୁଡ଼ା ଗ୍ରାମ ବୁଲିଲେ ବିଜେଡି, କଂଗ୍ରେସ ନେତା, କର୍ମୀ

ଦଶମନ୍ତପୁର/କୋରାପୁଟ,୨୪।୮ (ଅରବିନ୍ଦ ନାୟକ/ଅମିତାଭ ବେହେରା)



ରାଜନୈତିକ ଦଳର ନେତାମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

- କୁନି କଳାକାରଙ୍କ ପ୍ରଭାବ
- ସବୁ ସମସ୍ୟା ପ୍ରଶାସନ, ସରକାରଙ୍କୁ ଜଣାଇବୁ
- ପଦକ୍ଷେପ ନ ନେଲେ ଆନ୍ଦୋଳନ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ପଦୁଗୁଡା ଗ୍ରାମ ଏବେ ଚର୍ଚ୍ଚାରେ ରହିଛି। ଏହି ଗ୍ରାମରେ ଆଜିଯାଏ ପ୍ରଶାସନ ଏବଂ କୌଣସି ରାଜନେତାଙ୍କ ଗାଁର ପାଦ ପଡି ନ ଥିଲା। ମାତ୍ର ଗତ ସ୍ୱାଧୀନତା ଦିବସରେ ଫ୍ୟାନ୍‌ସି ଡ୍ରେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଗ୍ରାମର ଦେବିପ୍ରଦାସ ଦାସଙ୍କ ୪ ବର୍ଷର କୁନିଝିଅ ସୋନାଲି ନିଜ ଅଭିନୟ ମାଧ୍ୟମରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅତିଥିମାନଙ୍କୁ ଅବଗତ କରାଇଥିଲେ। ଏହା ବଦଳାଇ ଦେଇଛି ଗ୍ରାମର ଦୃଶ୍ୟ। ଗ୍ରାମକୁ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ରାଜ ନୈତିକ ଦଳର ନେତାଙ୍କୁ ଏହି ଗ୍ରାମକୁ ଟାଣି ଆଣିଛି। ଲୁଲା ପଞ୍ଚାୟତ ଏହି ଗ୍ରାମରେ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା କୌଣସି ଯୋଜନା ପହଞ୍ଚି ନ ଥିଲା। ଗ୍ରାମବାସୀ ବହୁ ସମସ୍ୟାରେ ଚଳୁଥିଲେ। କୁନି ଝିଅଟିର ପ୍ରଭାବରେ ଗ୍ରାମକୁ ଗୁରୁବାର ବିଜେଡି ଓ କଂଗ୍ରେସ ନେତା, କର୍ମୀମାନେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଆର୍‌ଏମ୍‌ସି ସଭାପତି ନାରାୟଣ ବିଶୋୟୀ, ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟି, କଂଗ୍ରେର ଜିଲା ସଭାପତି ଦୁର୍ଗାଶଙ୍କର ସାହୁ, ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇ ସରକାର, ପୂର୍ବତନ ଜିଲା ପରିଷଦ ସଭ୍ୟ ରମା ରାଉଳ, ଜିଲା ପରିଷଦ ସଭ୍ୟ ଧନ ପତି, ରାଜଗିରି ସରପଞ୍ଚ, ଯୁବ କଂଗ୍ରେସର ରମେଶ ଖରା, ଧର୍ମେନ୍ଦ୍ର ବିଡିକା, ତ୍ରିନାଥ ବିଶୋୟୀ,କିରନ ତୁରୁକ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକାଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ। ସେମାନେ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ନାଳିପାଣି ବାହାରୁଥିବା ନଳକୂପର ସ୍ଥିତି ପରଖି ଦେଖିଲେ। ଗ୍ରାମର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ନେତାମାନେ କହିଥିଲେ, ସେମାନେ ଗ୍ରାମର ଅନୁଧାନ କରିଥିବା ସମସ୍ୟା ସମ୍ପର୍କରେ ଏହାର ବିସ୍ତୃତ ରିପୋର୍ଟ ଜିଲା ପ୍ରଶାସନକୁ ଦେବେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏନେଇ ଅବଗତ କରାଇବେ। ଏହା ସତ୍ତ୍ୱେ ଯଦି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରେ ତେବେ କଂଗ୍ରେସ ପକ୍ଷରୁ ଗ୍ରାମବାସୀଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ନେତା ସାହୁ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଡମ୍ବରୁଧର ମଲ୍ଲିକ, ସହକାରୀ ଯନ୍ତ୍ରୀ ଅଭିଷେକ ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ ଏସ୍.ଏ.କୁରେସି ପ୍ରମୁଖ ଏହି ଗ୍ରାମରେ ପହଞ୍ଚିଥିଲେ। ଲୋକମାନେ ତାଙ୍କୁ ଘେରିଯାଇ ନିଜ ସମସ୍ୟା ଜଣାଇଥିଲେ। ମାତ୍ର ବିଡିଓ ଏ ସମ୍ପର୍କିତ ରିପୋର୍ଟ ଭିନ୍ନ ରୂପେ ଜିଲା ପ୍ରଶାସନକୁ ଦେଇଥିବା ଜାଣିବା ପରେ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ।

